# ଏକ ନଈ : ଦୁଇ କୂଳ

ଗୋଟାଏ ନଈ, ତା' ର ଦୁଇ କୂଳରେ ଦୁଇଟି ଗାଁ । କିଏ ଆଗ କିଏ ପଛ, ସେ କଥା କେହି କହିପାରିବେ ନାହିଁ । ଏ ଗାଁର ବରଗଛ ଆଗ ଉଠି ବାଟୋଇକି ଛାୟା ପ୍ରଦାନ କରିଥିଲା କି ସେ ଗାଁର ଓସ୍ତଗଛ ଆଗ ମୁଣ୍ଡ ଟେକିଉଠିଥିଲା ତାର ଇତିହାସ କେହି ଲେଖି ରଖିନାହାନ୍ତି । ଏ କଥା କିନ୍ତୁ ସତ ଯେ ଦୁଇ ଗାଁର ମଝିରେ ନଈଟା ଆଗ ସୃଷ୍ଟି ହୋଇଥିଲା । ନଈର ଶୀତଳ ସ୍ୱଚ୍ଛ ଜଳ ଓ କୋମଳ ପଟୁମାଟି ନିଶ୍ଚୟ ଦୁଇ ଦଳ ମଣିଷଙ୍କୁ କୂଳକୁ ଟାଣିଆଣିଥିବ ।

ଏକ ପାଖରେ ମର୍ଦ୍ଦରାଜପୁର ଓ ଅନ୍ୟ ପାଖରେ ଘଣାଶାଳିଆ ଗାଁ- ଏ ମଝିରେ ଖଣ୍ଡପଡ଼ାର କୁଆଁରିଆ ନଈ କେତେ କାଳରୁ ଯେ ବହିଚାଲିଚି, ସେକଥା କିଏ କହିବ ? ଦେଖିଲେ ଜଣାଯାଏ ନଈର ବୟସ ଗାଁର ବୟସଠାରୁ ନିଶ୍ଚୟ ଖୁବ୍ ବେଶି । ଗାଁର ବୟସ୍କ ଲୋକେ ହୁଏତ କାଳସମୁଦ୍ରର କ୍ଷୁଦ୍ରଦପିକ୍ଷୁଦ୍ର ତରଙ୍ଗ-ଦିନ, ବର୍ଷ, ମାସର ମାପକାଠିରେ, ପିତୃ-ପିତାମହ ପ୍ରପିତାମହଙ୍କ ଆଡୁ ଶୁଣିଥିବା କଥା-ଉପକଥାରେ ମାପି ଗାଁର ବୟସ ବିଷୟ କହନ୍ତି; କିନ୍ତୁ ନଈକଥା ପଡ଼ିଲେ ସମସ୍ତେ ନୀରବ ରହନ୍ତି । ଦୁଇ ଗାଁ ମଝିରେ କୁଆଁରିଆ ନଈଟି ଜନ୍ମ ହେଲାବେଳେ ନିଶ୍ଚୟ ଗୋଟିଏ ଛୋଟିଆ ନାଳ ଥିବ । ନଈର ତାହା ପିଲାବୟସ । ତେଣୁ ବୋଧହୁଏ ଜୀବନର ମାପକାଠିରେ ମାପି ମଣିଷ ତା' ନାଁ ଦେଇ- ଥିଲା କୁମାରୀ ବା କୁଆଁରୀ । ସେହି କୁମାରୀ ବା କୁଆଁରୀ ନଈ ଆଜି ଆଉ କୁଆଁରୀ ହୋଇ ନାହିଁ । ସେ ଆଜି ପୂର୍ଣ୍ଣଯୌବନା । କେତେବେଳେ ତା' ର ଆର କୂଳରୁ ଏ କୂଳକୁ ବଣର ହରିଣ, ଜୀଆଦ ଏକ ଖେପାକେ ଡେଇଁ ପାରହୋଇଯାଉଥିଲେ, ଏପାଖର ଗଛର ଡାଳ ସେପାଖର ଗଛର ଡାଳକୁ ପବନରେ ହଲି ହଲି ଛୁଉଁଥିଲା । ହୁଏତ ଏ ଗଛର ଲତା ଡଙ୍କ ବଢ଼େଇ ସେ ଗଛଦେହରେ ମାଡ଼ିଯାଉଥିଲା । ଆଜି କିନ୍ତୁ ତାହା ଆଉ ନାହିଁ । ଆଜି ଏ କୂଳରେ ଠିଆହେଲେ ସେ କୂଳକୁ ଆଖି ପାଉନାହିଁ । ଏ କୂଳରୁ ଡାକିଲେ ସେ ପାଖକୁ ଶୁଣାଯାଉନାହିଁ । ଏ ପାଖରୁ ସେ ପାଖକୁ ପାରହେବାକୁ ହେଲେ ନାଆରେ ପାର ହେବାକୁ ପଡୁଚି ବର୍ଷାଦିନେ । ସେ କାଳର କୁଆଁରୀ ଆଜି ଯୌବନ-ଗର୍ବରେ କଳକଳ ଛଳଛଳ ହୋଇ ବହିଚାଲିଛି । ସେ ଉତ୍‌ଫୁଲ୍ଲ ହୋଇ ଉଠିଲାବେଳେ କୂଳ ମାନୁନାହିଁ, ସୀମା ମାନୁନାହିଁ-ମାନୁନାହିଁ ଗାଁଗଣ୍ଡା, କୂଳର ବନ୍ଧନ, ସୀମାର ବନ୍ଧନ । ସେ ବୋଧହୁଏ ତାର ତୀରବାସୀମାନଙ୍କୁ ଏହି ଶିକ୍ଷା ଦେଉଚି ଯେ ଆଗକୁ ଯିବାକୁ ହେବ, ନିଜର ଶକ୍ତି ବିସ୍ତାର କରିବାକୁ ହେବ, କାହାର ବାଧାବନ୍ଧନ ମାନିବାକୁ ହେବନାହିଁ, କିଏ ଯଦି ବାଧା ଦେବ ତାହାହେଲେ କୂଳ ଲଙ୍ଘିବାକୁ ହେବ । ଚାରିଆଡ଼େ ପରିପୂର୍ଣ୍ଣ କରିଦେବାକୁ ହେବ ।

କୁଆଁରିଆ ନଈରୁ ଏ ଶିକ୍ଷା କିଏ କେବେ ଅତୀତରେ ଗ୍ରହଣ କରିଥିବ କହିହେବ ନାହିଁ; କିନ୍ତୁ ଏବେ ସେ ଅଞ୍ଚଳର ଲୋକେ ଜାଣିବାକୁ ତାର ତୀରବାସିନୀ ଯୁବତୀ ଶଶୀ ଗ୍ରହଣ କରିଛି । ତେଣୁ ଚାରିଆଡ଼େ ଚହଳ ପଡ଼ିଯାଇଛି- ଶଶୀ ଗାଁ ଛାଡ଼ିଲା, କୂଳ ଛାଡ଼ିଲା । ଶଶୀକୁ ଏ କୂଳରୁ ସେ କୂଳକୁ ନେଲା କିଏ ? ଏ କୂଳର ଘଣାଶାଳିଆ ଗାଁରେ ଶଶୀର ଜନ୍ମ । ଯେଉଁ ଘରେ ସେ ଜନ୍ମ ହୋଇଥିଲା ସେ ଘରର ସେପରି କିଛି ବିଭବ ନ ଥିଲା । ବାପର ଥିଲା ଦୁଇ-ଚାରି ମାଣ ବିଲ । ପୋଷିବାକୁ ତିନୋଟି ଝିଅ ଓ ସ୍ତ୍ରୀ, ଆଉ ଶୁଝିବାକୁ ଥିଲା ହଜାରେ ଟଙ୍କାର ଖଣ୍ଡିଏ କରଜା ଦଲିଲ । ଏକସମୟରେ ସେ କରଜା ଶୁଝିଲା ଓ ଶଶୀକି ବିଭା ଦେଲା । ସେ କୂଳର ମର୍ଦ୍ଦରାଜପୁର ଗାଁର ଯାହା ଘରେ ଶଶୀ ବିଭା ହେଲା, ସେଇ ଶୁଝିଲେ ଶଶୀବାପର କରଜା । ଅର୍ଥାତ୍ ଶଶୀର ରୂପ ଗୁଣ ଦେଖି ହଜାରେଟି ଟଙ୍କା ଦେଇ ଶଶୀକି ଏକପ୍ରକାରେ କିଣିନେଲେ । ବିବାହବେଳକୁ ଶଶୀର ବୟସ ମୋଟେ ସାତ ବର୍ଷ । ବିବାହ କ' ଣ ସେ ଜାଣେ ନାହିଁ । ଯାହା ସଙ୍ଗେ ତାର ହାତ ଛନ୍ଦିଦେଲେ, ସେ ବି ଦଶ ବର୍ଷର ବାଳକ । ଘଣାଶାଳିଆ ଗାଁରେ ବିବାହ ସରିଲା ପରେ ଶଶୀର ବର ଅନୁକୂଳ ଆଉ ଏ କୂଳକୁ ଆସିନାହିଁ । ଶଶୀ ତ ଝିଅ, ସେ ଆଉ ସେ ପାଖକୁ ଯିବ କିମିତି ?

ଏ ଭିତରେ ୮-୧୦ ବର୍ଷ ବିତିଯାଇଛି । ଶଶୀ ପୂର୍ଣ୍ଣ ଯୁବତୀ । ବୟସ ଷୋଳ ପାରହୋଇଛି । ସେ ଷୋଡ଼ଶୀ ପାଲଟିଯାଇଛି ।

ଅନୁକୁଳ ପୂରା ଯୁବକ । ଚାରି ଭାଇ ଭିତରେ ସେ ସାନ । ତିନି ଭାଉଜ ଘରକୁ ଆସିସାରିଛନ୍ତି; କେବଳ ଶଶୀ ଯିବାକୁ ବାକି ଅଛି । ଏଇ ସମୟରେ ପଡ଼ିଲା ଜଗନ୍ନାଥଙ୍କର ନବକଳେବର । ମର୍ଦ୍ଦରାଜପୁରର ଗାଁସାରା ଲୋକ ବାହାରିଲେ ଦିଅଁ-ଦର୍ଶନକୁ । ଅନୁକୁଳ ବି ସେମାନଙ୍କ ସଙ୍ଗରେ ଚାଲିଲା । ସେ କୂଳର ମର୍ଦ୍ଦରାଜପୁରର ଜନସ୍ରୋତ ପୁରୀ ଅଭିମୁଖେ ଚାଲିବାବେଳେ ଏ ପାଖେ ଘଣାଶଳିଆ ଗାଁର ଲୋକେ ନିଶ୍ଚିନ୍ତ ନଥିଲେ । କିଏ କି ଭାବରେ ଚୁଡ଼ା ଚାଉଳ ବାନ୍ଧି ଜଗନ୍ନାଥ ଦର୍ଶନକୁ ଚାଲିଲେ । ଶଶୀ ଜାଣେନା, ସେ ଯାହାଙ୍କ ଘରକୁ ଦୁଇ ମାସ ପରେ ଯିବ, ଯାହାଙ୍କୁ ସେ ବେଦୀ ଉପରେ ଥରେ ଦେଖି ଯେତେ କଳ୍ପନାଚକ୍ଷୁରେ ଦେଖିଲେ ମଧ ଆଉ ବୁଝିପାରୁନାହିଁ, ସେହି ଅନୁକୁଳ ତା'ର ପ୍ରାଣର ଚନ୍ଦନ ପୁରୀ ଯାଇଛନ୍ତି ବୋଲି । ଜାଣିଥିଲେ ହୁଏତ ସେ ଲୋକଗହଳି ଭିତରେ ପୁରୀ ଯିବାକୁ ଇଚ୍ଛା କରି ନଥାନ୍ତା ।

ନବକଳେବର ସମୟରେ ଯାତ୍ରୀଙ୍କି ନେବାପାଇଁ ଏଜେଣ୍ଟ୍ କମ୍ ନଥାନ୍ତି । ଚାରି ପଇସା ରୋଜଗାର ପାଇଁ ସେବକ, ପଣ୍ଡା, ପଢ଼ିଆରୀ ତ ଲୋକ ନିଯୁକ୍ତି କରିଥାନ୍ତି, ଗାଁମାନଙ୍କରେ ଏପରି ଲୋକ ଥା' ନ୍ତି ଯେଉଁମାନେ କି ଏହିପରି ଯାତ୍ରା-ମଉଚ୍ଛାରେ ଅନେକ ଫାଇଦା ଉଠାନ୍ତି । ସେ ଅଞ୍ଚଳରେ ମଲ୍ଲୀ-ମା, ପଣ୍ଡିଆଣୀ ଏହି ଶ୍ରେଣୀର ଏକ ଏଜେଣ୍ଟ୍ । ସେ ଶଶୀକି ଆସି କହିଲା- "ଝିଅ ଲୋ, ଦି' ମାସ ପରେ ତ ତୁ ତୋ' ର ଦିଅଁଙ୍କୁ ଦେଖିବୁ, ଏବେ ଜଗତଯାକର ଦିଅଁ ଜଗନ୍ନାଥଙ୍କୁ ଦେଖି ଆସିବୁ ଚା । ସେଇ ତତେ ଆଶୀର୍ବାଦ କରିବେ ।"

ମଲ୍ଲୀ-ମା' ସାଙ୍ଗରେ ଖାଲି ଯେ ଶଶୀ ଗଲା ତା' ନୁହେଁ, ଗାଁର ପାଞ୍ଚ-ଦଶ ବୁଢ଼ୀ, ଦି' ଚାରି ଜଣ ଟୋକା, ବୁଢ଼ା ସମସ୍ତେ ଚାଲିଲେ । ମଲ୍ଲୀ ମା' କୁ ସେ ଅଞ୍ଚଳରେ ନ ଜାଣେ କିଏ ? ରଜାଘର ଦୁଆରେ ମାଲିମକଦ୍ଦମା ଲାଗିଲେ ଏଇ ମଲ୍ଲୀମା' ଅନେକଙ୍କର ଆଶ୍ରୟସ୍ଥଳ ହୁଏ । ସାକ୍ଷୀ ଯୋଗାଡ଼ କରେ ସିଏ, ଓକିଲ, ମୁକ୍ତ୍ୟାର ଜୁଟେଇଦିଏ ସିଏ । ସେଇ ତାର ବ୍ୟବସାୟ । ସେଇଥିରୁ ସେ ପାଞ୍ଚ ପଇସା ପାଏ । ସେଇଥିପାଇଁ ମଲ୍ଲୀମା' ର କୁଆଁରିଆ ନଈର ଦୁଇ କୂଳରେ ଖୁବ୍ ନାଆଁ । ଏ ଗାଁର ସେ ପିଉସୀ ହେଲେ ସେ ଗାଁର ସେ ମାଉସୀ । ସେ ବୋହୂଙ୍କ ସାଙ୍ଗେ ବୋହୂ, ବୁଢ଼ୀଙ୍କ ସାଙ୍ଗେ ବୁଢ଼ୀ, ଆଉ, ସମସ୍ତଙ୍କ ପାଖେ ସବୁ ବିଷୟରେ ଜଣେ ଏଜେଣ୍ଟ୍ ।

X X X X

ଯେଉଁ ସମୟର ନବକଳେବର କଥା ଏଠାରେ କୁହାଯାଉଛି, ଆଜିକାଲି ପରି ସେ ସମୟଟା ନ ଥିଲା । ପୁରୀ ବଡ଼ଦାଣ୍ଡ ବାଲିରେ ପୂର୍ଣ୍ଣ ଥିଲା । ସିଂହଦ୍ୱାରରୁ ରଥ ବାହାରି ଗୁଣ୍ଡିଚା ଘରେ ଲାଗିବାକୁ ସେତେବେଳେ ଲାଗୁଥିଲା ପ୍ରାୟ ସାତଦିନ । ଯିଏ ଆସୁଥିଲା ଯାତ୍ରା ଦେଖି - ଫେରିବେ ନାହିଁ, ଏହି ଆଶଙ୍କା ସବୁରି ପ୍ରାଣରେ ଥିଲା । ରଥଯାତ୍ରା ସହିତ ହଇଜା, ମଡ଼କ ସତେ ଯେପରି ସାଥୀହୋଇ ଆସୁଥାଏ । ଖାଲି ଯେ ପୁରୀରେ ଏ ଦୁର୍ଘଟଣା ଘଟେ ତା' ନୁହେଁ, ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଦେବଦର୍ଶନ ସାରି ପ୍ରାଣବିକଳରେ ଫେରିଯାଉଥିବାବେଳେ ବାଟଘାଟରେ, ଗାଁ ମଫସଲରେ ରୋଗର ବୀଜ ବୁଣିଦେଇ ଯାଉଥିଲେ । ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ସହର ଭିତରେ ସୀମାବଦ୍ଧ ଥିଲା ।

ମହାକାଳ ମୃତ୍ୟୁର ଏହିପରି ଏକ ଅକାଳ ଉଦ୍‌ବୋଧନ ସମୟରେ ମଲ୍ଲୀମା' ପଣ୍ଡିଆଣୀ ସାଙ୍ଗରେ ନେଇଥିବା ଶଶୀ ଆଉ ତାର ଦଳକୁ ଧରି ଫେରିଆସୁଚି ଗାଁକୁ । ପୁରୀ ଛାଡ଼ି କେତେ ବାଟ ସେମାନେ ଆସିଲେଣି, ଆସିବା ଲୋକେ ଜାଣିପାରୁନାହାନ୍ତି; କିନ୍ତୁ ମଲ୍ଲୀମା' କହେ- ଆଉ ରହିଲା ତିନି ଓଳିର ବାଟ । ପଶ୍ଚିମ ଆକାଶରେ ସୂର୍ଯ୍ୟଦେବତା ଗଡ଼ଜାତର କେଉଁ ଅଜ୍ଞାତ ପାହାଡ଼ ପାଖେ ବୁଡ଼ିଯାଉଛନ୍ତି, ଆକାଶର ମେଘଖଣ୍ଡ ବିଚିତ୍ର ଶୋଭା ଧାରଣ କରିଛି, କୁଆ, ବଣି, ପାରା

ବସାଫେରନ୍ତା ହୋଇ କୋଳାହଳରେ ପୃଥିବୀ ଓ ଆକାଶକୁ ମୁଖରିତ କରୁଛନ୍ତି । ରାଜରାସ୍ତାରେ ଚାଲିଛନ୍ତି ମୂକ ଯାତ୍ରୀଶ୍ରେଣୀ, ସତେ ଯେପରି ପିମ୍ପୁଡ଼ିପଲ ! ମାତ୍ର କିଏ ଫେରୁନାହିଁ, ସମସ୍ତେ ଆଗକୁ ଯାଉଛନ୍ତି । ଠାଏ ଠାଏ ଗଛମୂଳେ ପାଣି ଚବକା ପାଖେ, ଗାଁ ନିକଟରେ ଥିବା ପୋଖରୀ କୂଳରେ ବାହୁଡ଼ା ଯାତ୍ରୀଙ୍କର ସମାଗମ ଖୁବ୍ ବେଶି । ବାଟ ଚାଲି ଚାଲି କ୍ଳାନ୍ତ, କିଏ କାହାକୁ ବାଟରେ ହରେଇଛି, କାହାର କିଏ ଅକାଳ ମୃତ୍ୟୁରେ ଢଳିପଡ଼ିଛି; ତେଣୁ କାହାରି ମୁହଁରେ ହସ ନାହିଁ ।

ସେହି ଜନସ୍ରୋତ ଭିତରେ ମଲ୍ଲୀମା' ଚାଲିଛି ଆଗକୁ । ତା' ରି ଏକ ପାଖରେ ଶଶୀ ଓ ତା' ଗାଁର ଆଉ ଦୁଇ ଚାରୋଟି ଯୁବତୀ, ପଛରେ ବୁଢ଼ାବୁଢ଼ୀ । କିଏ ପଛକୁ ବୁଲି ଚାହୁଁଛି କିଏ ଚାଲିପାରୁନାହିଁ ବୋଲି । କିଏ ଡାକୁଛି – ଏଇ ପାଖେଇଗଲା ସେ ଗାଆଁ, ଅନ୍ଧାର ଆଗରୁ ନ ପହଞ୍ଚିଲେ ଜାଗା ମିଳିବ ନାହିଁ । କିଏ କହୁଚି – ହଇ ଲୋ ମଲ୍ଲୀମା' , ପାଣି ଟୋପେ ମିଳିବ ନାହିଁ ? ପିଲାଟା ଶୋଷରେ ଆଉଟୁପାଉଟୁ ହୋଇଗଲା । କିଏ କହୁଚି – ମଲ୍ଲୀମା' ଟିକିଏ ବସିପଡ଼ିବା । ଚାଲି ଚାଲି ଗୋଡ଼ରୁ ବାକୁଲା ଉଠିଲାଣି । ମଲ୍ଲୀମା' ସମସ୍ତଙ୍କର ଏଜେଣ୍ଟ୍ । ସଡ଼କ ପାଖରେ ଏକ ଆମ୍ବଗଛ ତଳେ ମଲ୍ଲୀମା' ଥକା ମାରି ଠିଆହେଲା । ସମସ୍ତେ ବସିପଡ଼ିଲେ ତାକୁ ଘେରିକରି । ସେଇ ପାଖରେ ଗୋଟିଏ ପାଣି ଚବକା ଥିଲା । ଟିକିଏ ହାଲିଆ ମାଇଲେ ପାଣି ପିଇବେ, ଯିବେ । ମଲ୍ଲୀମା' ର ବଡ଼ ବଡ଼ ଆଖି ଦି' ଟା ସେହି ଚବକା ଉପରେ ପଡ଼ିଲା । ସେ ଟିକିଏ ଆଗକୁ ଚାଲିଲା । ପାଣି ଆଉ ଚାରି ହାତ ଦୂରରେ । ଲଇଁପଡ଼ି ଦେଖିଲା କ' ଣ କେଜାଣି, ଚମକିଲା ପରି ଫେରିଆସି ଠିଆହୋଇଥିବା ଜାଗାରେ ଠିଆହେଲା । ତାର ଆଖି କିନ୍ତୁ ସେଆଡୁ ଫେରିଲାନାହିଁ । ତାର ଏ ଚାହାଣି ଦେଖି ଶଶୀ କ' ଣ ବିଚାରି ବସିବା ଜାଗାରୁ ଉଠିପଡ଼ିଲା । ସିଏ ବି ସେଆଡ଼କୁ ଚାହିଁଲା । ତା' ସହିତ ଆଉ ଦୁଇ ଚାରୋଟି ଝିଅ ଉଠିଲେ । ମଲ୍ଲୀମା' କହିଲା– "ଆହା ! ଚିହ୍ନିଲୁ ଶଶୀ ?"

ଶଶୀ କହିଲା– "କିଏ ଲୋ ମଲ୍ଲୀମା' ? ଆମେ ଏଠୁ ପାଣି ପିଇବା ?"

ମଲ୍ଲୀମା' କହିଲା– "ପାଣି ପିଇବା କି ନାହିଁ ସେକଥା ଅଲଗା, ମାତ୍ର ତୁ ଚିହ୍ନିଲୁ କି ?" ଶଶୀ ପାହୁଣ୍ଡେ ଦି' ପାହୁଣ୍ଡେ ଆଗକୁ ଯାଇ ଡରିଲାପରି ଫେରିଆସିଲା । ପଚାରିଲା– "ମଲ୍ଲୀମା' , ଲୋକଟା କ' ଣ ବଂଚିଚି ?" ମଲ୍ଲୀମା କହିଲା– "ହଁ ଲୋ ବଂଚିଚି; ମାତ୍ର ତୁ ଚିହ୍ନିଲୁଟିକି ?"

ସେତେବେଳକୁ ଶଶୀ କାଠ ପରି ହୋଇଗଲାଣି– ମଲ୍ଲୀମା' କାହିଁକି ତାକୁ ଏପରି ଘନ ଘନ ପ୍ରଶ୍ନ କରୁଚି ? ଅନ୍ୟ ଯାତ୍ରୀମାନେ ଭୟରେ ଠିଆହୋଇ ପଡ଼ିଲେଣି । ଜଣେ ଦି' ଜଣ ସେ ଥାନ ଛାଡ଼ି ଚାଲିଯିବାକୁ ଆଗକୁ ପାଦ କାଢ଼ିଲେଣି । ମଲ୍ଲୀମା' କହିଲା – "ଆଲୋ ଶଶୀ, ଆଉ ଭାବିଲେ କ' ଣ ହେବ ? ଯାଇଥାନ୍ତୁ ଘରକୁ, ଜଗନ୍ନାଥେ କରେଇଦେଲେନି । ମୁଁ ପୋଡ଼ପାଡ଼ୀ ଜାଣେନି ଅନୁକୂଳ ପୁରୀ ଆସିଚି ବୋଲି । ଜାଣିଥିଲେ କି ସେ ଏପରି ପାଣି ଟୋପେ ପାଇଁ ଏଠି ପଡ଼ିଥାନ୍ତା ? କିଏ କୁଆଡ଼େ ଛାଡ଼ି ଚାଲିଗଲେ । ସମସ୍ତେ ଏପରି ଚାଲିଯିବେ । ଆ ଆ, ଫେରିଆ । ଆଉ ଚାହାଁନା ଲୋ ମାଆ ! ଥରେ ଚାହିଁଥିଲୁ ବେଦୀରେ, ଚାହିଁଥାନ୍ତୁ ଘରକୁ ଯାଇଥିଲେ । ଆଉ ଚାହିଁବା କିଛି ଲାଭ ନାହିଁ । ଶୁଣିଥିଲି, ଭାଇଭାଉଜ ଆସିଥିଲେ, ଶୁଣିଥିଲି ଗାଁଲୋକେ ଆସିଥିଲେ; କେହି ତାର ସାହା ହେଲେନାହିଁ । ଜଗନ୍ନାଥେ ଯାହାର ସାହା ନୁହନ୍ତି, ତାର ସାହା ହେବ କିଏ ?"

ଏହା କହି ମଲ୍ଲୀମା' ଯେତେବେଳେ ଶଶୀର ହାତ ଧରି ଭିଡ଼ିଲା ଶଶୀ ହଲିଲା ସତ; ତାର ପାଦ ଚଳିଲା ନାହିଁ । ମଲ୍ଲୀମା' ଡାକିଲା – ସେ ଶୁଣିଲାନାହିଁ । ମଲ୍ଲୀମା' ସମସ୍ତିଙ୍କି ଚେତେଇଦେଲା, ହଇଜା ରୋଗୀ ପଡ଼ିଛି, ସେ ସ୍ଥାନ ଛାଡ଼ି ଚାଲିଯିବାକୁ ହେବ । ଶଶୀ ତା' କଥାକୁ କାନେଇଲା ନାହିଁ । ମଲ୍ଲୀମା' ଶଶୀକି ଦି' ଚାରିଥର ଡାକପକେଇ ଆଗକୁ ପାଦ କାଢ଼ିଲା । ଦଶ ପଚିଶି ହାତ ଯାଏଁ ଆଗକୁ ଯାଇ ବୁଲି ଚାହିଁଲା । ଦୂରରୁ ଡାକିଲା । ଅନ୍ୟମାନେ ଆଗକୁ ଚାଲିଗଲେଣି, ଏଜେଣ୍ଟ୍ କେବଳ ପଛରେ । ଦେଖୁ ଦେଖୁ ସେ ବି ଦୂରରେ ମିଶିଗଲା ।   ମାଛି-ଅନ୍ଧାର ବେଳକୁ ଶଶୀ କୋଳରେ ମୁଣ୍ଡ ରଖି ଅନୁକୂଳ

ପଚାରିଲା- "ମୋତେ ପାଣି ଦେଲା କିଏ ? ଓହୋ ! ଟିକିଏ ଭଲ ଲାଗିଲା । ତୁମେ କିଏ ?" ଶଶୀ କହିଲା- "ମୁଁ ? ମୋତେ ତୁମେ ଚିହ୍ନିନାହଁ ।"

-"ତୁମ ଘର କେଉଁଠି ?"
-"ଏ କୂଳରେ ।"
-"ଘଣାଶାଳିଆ ?"

ଅନୁକୁଳ ଟିକିଏ ଆଖିବୁଜି ସତେ ଅବା କ' ଣ ଭାବିଲା । ତା' ପରେ ନିମୀଳିତ ନେତ୍ରରେ ଶଶୀ ମୁହଁକୁ ଚାହିଁ ଶିଥିଳ ହାତରେ ତା' ର ଡାହାଣ ହାତକୁ ଧରିପକାଇ କହିଲା- "ଏଥର ବଂଚିଗଲି ! ତୁମେ ଆସିଥିଲ ବୋଲି ଶୁଣିଥିଲି ମାତ୍ର । ଆସିଥିଲେ ଆମ ଗାଁର ଅନେକ । ସମସ୍ତେ ଚାଲିଗଲେ ଗାଁକୁ କିଏ କୁଆଡ଼େ । ତୁମେ ମୋତେ ଖୋଜିକରି ପାଇଛ, ଆଉ ସେମାନେ ?"

ଶଶୀ ଆଖି ପୋଛି ପୋଛି କହିଲା - "ସେମାନେ ମଧ୍ୟ ଆଗକୁ ଚାଲିଗଲେ ।"

ପୁରାଣରେ ଶୁଣାଅଛି - ଶିବ ଦକ୍ଷଯଜ୍ଞରେ ନିଜ ସ୍ତ୍ରୀ ସତୀଙ୍କୁ କାନ୍ଧେଇ ଚାଲିଥିଲେ । ସେଦିନ ଦେଖାଗଲା, ସେହି ଆସନ୍ନ ଅନ୍ଧାର ଭିତରେ ସତୀ ଶିବଙ୍କୁ କାନ୍ଧେଇ ଆଗକୁ ଚାଲିଛନ୍ତି । କୁଆଡ଼େ ଯିବ ? ହଇଜା ରୋଗୀକି ନେଇ ସେ କୁଆଡ଼େ ଯିବ ? ଗାଁମୁଣ୍ଡେ ଲୋକେ କହିଲେ- ଏ ଗାଁ ଭିତରେ ପଶିବାକୁ ହେବ ନାହିଁ । ବାଟେ ଘାଟେ ଲୋକେ ଦଶ ହାତ ଦୂରକୁ ଘୁଞ୍ଚି ଚାଲିଗଲେ ।

ଦୂରରେ ବିଲ ଗହୀର ଭିତରେ ଦିଶୁଥିଲା ଏକ କ୍ଷୀଣ ଆଲୋକଶିଖା । ଶଶୀ ବିଚାରିଲା - ଗାଁ ଭିତରେ କେତେ ଆଲୁଅ ଜଳୁଚି; କିନ୍ତୁ ଦେଖୁଚି ସେ ଆଲୁଅ ତା' ପାଇଁ ନୁହେ । ଯେଉଁ କ୍ଷୀଣ ଆଲୁଅକୁ ସେ କାନ୍ଧରେ ଟେକିଧରିଚି, ଦୂରରେ ଜଳୁଥିବା ଏକାକୀ ଆଲୋକ ବୋଧହୁଏ ତାକୁ ଡାକୁଚି । ସେ ଚାଲିଲା ସେଆଡ଼େ ଅଣବାଟରେ ବିଲ ଭିତରେ । ଯାଇ ଠିଆହେଲା ନିଷ୍ପ୍ରଭ ଦୀପଶିଖା ପାଖେ । ବଖରାଏ ବୋଲି ଘର, ତା' ଭିତରେ ଗୋଟିଏ ବିଧବା, ସେଇ ଦୀପଶିଖା ଆଲୋକରେ ବିଧବା ଦେଖିଲା- ସ୍ଖଳିତବସନା, ଆଲୁଳାୟିତକୁନ୍ତଳା ଏକ ଯୁବତୀ କାନ୍ଧରେ ଅର୍ଦ୍ଧମୃତ ଏକ ଯୁବକକୁ ଧରି ଦୁଆର ମୁହଁରେ ଠିଆହୋଇଚି । ସେ କାରଣ ବୁଝିବାକୁ ବାକି ରହିଲାନାହିଁ । କିଛି ପ୍ରଶ୍ନ ନ କରି କହିଲା - "ମାଆ ଲୋ ! ଏ ଗାଁବାଲା ମୋତେ ରଖେଇଦେବେନି । ଆହା ...! ନିଶ୍ଚୟ ଏ ତୋର ... ।" ଶଶୀ ସଙ୍ଗେ ସଙ୍ଗେ କାନ୍ଧରୁ ଅନୁକୂଳକୁ ଓହ୍ଲେଇ ପିଣ୍ଡାକାନ୍ଥକୁ ଆଉଜେଇ ନିଜର ବେକ ହାରଟି ଛିଣ୍ଡାଇ ବୁଢ଼ୀ ହାତକୁ ବଢ଼ାଇଦେଇ କହିଲା - "ତୁ ମୋର ମାଆ ଲୋ ! କେଉଁ ଜନ୍ମରେ ମାଆ ଥିଲୁ । ଏ ଆଲୁଅ ମୋତେ ଡାକିଚି ।"

ଚାରି ଦିନ ପରେ ଦେଖାଗଲା ଅନୁକୁଳ ସେ କୁଟୀର ପିଣ୍ଡାରେ ସିଧା ହୋଇ ବସୁଚି, ଆଉ ଶଶୀ ସେ ଘରେ ଝିଅ ପାଲଟିଯାଇଚି । ପନ୍ଦର ଦିନ ପରେ ଶଶୀ ଆଉ ଅନୁକୁଳ ଯେତେବେଳେ ସେ ଘରୁ ବିଦାୟ ନେଇ ଗଲେ ବୁଢ଼ୀ ଆଖିରୁ ଦି' ଧାର ଲୁହ ଗଡ଼େଇ ଅନୁକୁଳ ଓ ଶଶୀର ହାତ ଦି' ଟାକୁ ଧରିପକାଇ କହିଲା- "ଝିଅ କ୍ୱାଇଁ ଚାଲିଯାଇଥିଲେ ଲୋ ଝିଅ ! ତୁମେ ମୋର ଫେରିଆସିଚ । ଯାଉଚ ଯେ, ଆଉ ଦିନେ ଆସିବ ।"

ଶଶୀ ଲୁହ ପୋଛିଲା, ଅନୁକୂଳ ବି ଲୁହ ପୋଛିଲା ।
ସେମାନେ ଚାଲିଲେ- ଆଗକୁ ଚାଲିଲେ; କିନ୍ତୁ ଯିବେ କୁଆଡ଼େ ?

ମର୍ଦ୍ଦରାଜପୁର ଗାଁଟା ଏକବାରେ ହଲଚଲ ହୋଇଗଲା । ଦଶାହ କୃତ୍ୟ ସାରି ବାରଭୋଜି ସାରି ଘରଲୋକେ, ଗାଁଲୋକେ ଅନୁକୁଳର ଶେଷକୃତ୍ୟ ସାରିଦେଇଛନ୍ତି । ତେଣେ ଘଣାଶାଳିଆରେ ଏଜେଣ୍ଟ ମଲ୍ଲୀମା' ମୁହଁରୁ କଥା ଶୁଣି

ଗାଁବାଲା ନିଷ୍ପତ୍ତି କରିସାରିଛନ୍ତି ଯେ ଶଶୀ ବି ଅନୁକୂଳ ସଙ୍ଗେ ଚାଲିଯାଇଛି । ଏପରି ଅବସ୍ଥାରେ ଅନୁକୂଳ ଯେତେବେଳେ ଯୁବତୀ ଶଶୀକୁ ସାଙ୍ଗରେ ଧରି ମର୍ଦ୍ଦରାଜପୁରରେ ପହଞ୍ଚିଲା, ଗାଁର ବୁଢ଼ାବୁଢ଼ା କହିଲେ- 'ପ୍ରେତକୁ ଆଉ ଗାଁରେ ପୂରେଇବାକୁ ହେବନାହିଁ ।' ଅନୁକୂଳର ମାଆ ନ ଥିଲା କି ବାପ ନଥିଲା । ବୋହୂକୁ ଘରକୁ ନେବାପାଇଁ ଶାଶୂଶ୍ୱଶୁର ନ ଥିଲେ । ରାତି ସମୟ । ଯେଉଁ ଘରେ ସେ ଦୁଆର କିଳି ରହିଲେ । ହରପାର୍ବତୀ ଶ୍ମଶାନ ଭୂଇଁରୁ ଉଠିଆସି ଗ୍ରାମାଞ୍ଚଳରେ ପ୍ରବେଶ କଲାପରି ଅନୁକୂଳ ଶଶୀର ହାତକୁ ଧରି ଯେତେବେଳେ ଦୁଆରମୁହଁରୁ ଫେରିଯିବାପାଇଁ ମୁହଁ ବୁଲେଇଲା, ଘର ଭିତରୁ ଶୁଭିଲା ଏକ ନାରୀକଣ୍ଠର ବ୍ୟାକୁଳ ଆହ୍ୱାନ । ଜଣେ ପରିଣତବୟସ୍କା ଅତି ବ୍ୟାକୁଳ ଭାବରେ ସେମାନଙ୍କ ଆଗକୁ ଚାଲିଆସି ପଥ ଅବରୋଧ କଲାପରି ଠିଆହେଲା । କହିଲା- "ମୋ ଦିଅରକୁ, ମୋ' ଯାଆକୁ ମୁଁ ଘରୁ ଛାଡ଼ିଦେବିନାହିଁ ।" ସେତିକିବେଳେ ଅନୁକୂଳ ଆଖିବୁଜି ଦେଖିଲା, ଶୈଶବରେ ମାତୃହୀନ ଅନୁକୂଳ ଯାହା କୋଳରେ ବଢ଼ିଥିଲା, ସେଇ ତା' ର ଭାଉଜ ମାତୃବେଶରେ ତାକୁ କୋଳକୁ ନେଇଯାଇଛି । ଶଶୀ ମୁଣ୍ଡ ପୋତି ଠିଆହେଲା । ଗାଁବାଲାଏ ଦୁଆର ଫିଟେଇ ଚାହିଁଲେ । ପୁଅବୋହୂ ଘରକୁ ଫେରିଆସିଛନ୍ତି । ନୀତି-ନିୟମର ବନ୍ଧନ ସେଠି ଛିଣ୍ଡିଗଲା ।

ଏକ ନଈର ଦୁଇ କୂଳ । ଦୁଇ କୂଳର ଦୁଇଟି ଗାଁ । ଦୁଇ ଗାଁର ଦୁଇଟି କୁଳର ପୁଅବୋହୂ ଏହାପରେ ସଂସାର କଲେ । ସେହି ଦିନରୁ ଏଜେଣ୍ଟ୍ ମଲ୍ଲୀମା' ଆଉ ସେ ଗାଁକୁ ଆସିନି କି ଘଣାଶାଳିଆ ଗାଁରେ ତାକୁ ଆଉ କିଏ ଦେଖିନି ।